## ୧୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର (ବ୍ୟୁରୋ):** ସମ୍ବଲପୁର ହୀରାକୁଦ ଜଳଭଣ୍ଡାରରୁ ବୁଧବାର ୧୦ଟି ଗେଟରେ ବନ୍ୟାଜଳ ନିଷ୍କାସନ ହେଉଛି । ବନ୍ଧ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଜଳସ୍ତର ୬୧୯.୦୪ ଫୁଟ୍ ରହିଛି । ଡ୍ୟାମ୍‌କୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୫ହଜାର ୨୭୯ କ୍ୟୁସେକ ପାଣି ପ୍ରବେଶ କରୁଥିବାବେଳେ ୧ ଲକ୍ଷ ୭୧ ହଜାର ୯୦୭ କ୍ୟୁସେକ ପାଣି ନିଷ୍କାସିତ ହେଉଛି । ବାମ ପଟ ୭ ଓ ଡାହାଣ ପଟ ୩ ଗେଟ୍ ଖୋଲା ରହିଛି ।



### ସଂକ୍ଷେପରେ

## ବର୍ଷାରେ ପଞ୍ଚନା ଗ୍ରାମ ଜଳାର୍ଣ୍ଣବ

**ମନମୁଣ୍ଡା, ୨୬।୮ (ଡି.ଏନ.ଏ.):** ପ୍ରବଳ ବର୍ଷାରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଶଗଡା ପଞ୍ଚାୟତ ପଞ୍ଚନା ଗ୍ରାମରେ ୩ ଫୁଟ ଉଚ୍ଚର ପାଣି ଜମି ରହିଛି । ବର୍ଷା ଜଳ ଅଧିକାଂଶ ଲୋକଙ୍କ ଘରେ ପଶି ଯାଇଛି । ଜଙ୍ଗଲ, ପାହାଡ ଘେରା ଉକ୍ତ ଗ୍ରାମରେ ପକ୍କାଘର ବହୁତ କମ । ଅଧିକ କଚ୍ଚା ଘର ରହିଥିବାରୁ ଅନେକ ଲୋକଙ୍କ ଧାନ, ଚାଉଳ ଏବଂ ଅନ୍ୟାନ୍ୟ ଆସବାବପତ୍ର ପାଣିରେ ବୁଡି ରହିଥିବା ସୂଚନା ମିଳିଛି । କେତେକ ପରିବାର ସ୍କୁଲ ବାରଣ୍ଡାରେ ଆଶ୍ରୟ ନେଇଥିବା ଜାଣିବାକୁ ମିଳିଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।

## କୁରୁମୁଣ୍ଡା ନାଳ ଉପରେ ପାଣି ଚାଲୁଛି

**ମନମୁଣ୍ଡା, ୨୬।୮ (ଡି.ଏନ.ଏ.):** ଲଗାଣ ବର୍ଷା ଯୋଗୁ ବୌଦ୍ଧ ଜିଲାର ମନମୁଣ୍ଡା-ଶଗଡା ରାସ୍ତାର କୁରୁମୁଣ୍ଡା ନାଳ ଉପରେ ପ୍ରାୟ ୫ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି । ଫଳରେ ଶଗଡା ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ମନମୁଣ୍ଡାରୁ ଶଗଡା ଯିବା ରାସ୍ତାରେ ବରଗୋଛାରୁ ୨ କିମି ଦୂରରେ ଏହି ନାଳ ରହିଛି । ଉକ୍ତ ରାସ୍ତା ଅଞ୍ଚଳବାସୀଙ୍କ ଏକମାତ୍ର ମୁଖ୍ୟ ରାସ୍ତା ହୋଇଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

## ଲଗାଣ ବର୍ଷାରେ ଚାଷଜମି ଜଳାର୍ଣ୍ଣବ

**ବିନିକା, ୨୬।୮ (ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକରେ ଲଗାଣ ବର୍ଷା ଯୋଗୁ ଚାଷଜମି ଜଳାର୍ଣ୍ଣବ ହୋଇପଡିଛି । ଧାନଗଛ ପାଣିରେ ବୁଡି ରହିଛି । ପନିପରିବା ଫସଲ ମଧ ନଷ୍ଟ ହୋଇଛି । ବର୍ଷା ଲାଗି ରହିଥିବାରୁ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି । ନଦୀ ,ନାଳ ଓ ପୋଖରୀ ବର୍ଷାପାଣିରେ ଉଛୁଳି ବନ୍ୟା ପରିସ୍ଥିତି ସୃଷ୍ଟି କରିଛି । ସିଂଘିଯୁବା ଗ୍ରାପ ଅଧୀନ ଖଇରମାଲ ମୁରମୁରୀ ନାଳରେ ୪ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି । ବାଙ୍କିଘିର୍ଡି ଗ୍ରାପ ଅନ୍ତର୍ଗତ ଆଖିଦାଦର-ଚେରୁପାଲି ସଂଯୋଗୀ ରାସ୍ତାରେ ୪ଫୁଟ ଉଚ୍ଚର ପାଣି ଏବଂ ବାବୁପାଲି-ଚୌକାମାଲ ରପଟା ପୋଲରେ ୩ ଫୁଟ ପାଣି ପ୍ରବାହିତ ହେଉଛି । ବିନିକା ଏନ୍‌ଏସି ଗୁଲାପଡା ନାଳ ଉପର ଦେଇ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ଚାଲିଛି । ଫଳରେ ଏହି ଅଞ୍ଚଳଗୁଡିକ ଦିନ ତମାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଛି ।

## ଝାରସୁଗୁଡ଼ାରେ ୭୫.୫ ମି.ମି. ବର୍ଷା

**ଝାରସୁଗୁଡ଼ା ଅଫିସ, ୨୬।୮ :** ଝାରସୁଗୁଡ଼ା ଜିଲାରେ ଲଘୁଚାପଜନିତ ବର୍ଷା ଜାରି ରହିଛି। ବୁଧବାର ଜିଲାରେ ମୋଟ ୨୫୪.୪ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ସୂଚନା ମୁତାବକ ଝାରସୁଗୁଡାରେ ସର୍ବାଧିକ ୭୫.୫ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଲଖନପୁରରେ ସର୍ବନିମ୍ନ ୪୩.୨ମିମି ବର୍ଷା ହୋଇଛି । କୋଲାବିରାରେ ୪୬.୨ ମିମି, ଲଇକେରାରେ ୪୫.୫ ମିମି ଓ କିର୍ମିରାରେ ୪୪ ମିମି ବର୍ଷା ରେକର୍ଡ ହୋଇଛି । ଚଳିତ ମାସ ଜିଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ୧୮୩୧.୩ ମିମି ବର୍ଷା ହୋଇଛି ।

## ଗଛରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ନୂଆଗାଁ, ୨୬।୮ (ଡି.ଏନ.ଏ.):** ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ୍ ହାତୀବାରି ଥାନା ଅଧୀନ ଜାହାଡିଟୋଲୀ ପଞ୍ଚାୟତର ଗୋଟିଟାଙ୍ଗର ଗ୍ରାମର ଜଣେ ଯୁବକ ମଙ୍ଗଳବାର ନିକଟସ୍ଥ ଏକ ଜଙ୍ଗଲରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଈଶ୍ୱର ପ୍ରଧାନ (୨୨)। ଏ ନେଇ ହାତୀବାରି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୭/୨୦) ରୁଜୁ କରିଛି। ମଙ୍ଗଳବାର ଅପରାହ୍ନ ୪ଟାରେ ସେ ଘରୁ ବାହାରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ । ଘର ଲୋକେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ହେଁ ତାଙ୍କ ଖୋଜଖବର ମିଳି ନ ଥିଲା । ବୁଧବାର ସକାଳେ ଗାଁ ଲୋକେ ନାଳ ନିକଟ ଜଙ୍ଗଲରେ ଏକ ଗଛରେ ତାଙ୍କ ଶବ ଝୁଲୁଥିବା ଦେଖି ଘର ଲୋକଙ୍କୁ ଖବର ଦେଇଥିଲେ। ପୋଲିସକୁ ଖବର ଦେବାପରେ ନୂଆଗାଁ ଫାଣ୍ଡି ଅଧିକାରୀ କୌଳାଶ ନାଏକ ଓ ହାତୀବାରି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ପଶ୍ଚିମ ଓଡ଼ିଶାରେ ବର୍ଷା ବିପ୍ଳାବ

## ଘୁଙ୍ଗିନାଳ ପୋଲ ଉପରେ ୬ ଫୁଟ ପାଣି



ଘୁଙ୍ଗିନାଳ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି ।

**ଅମରପାଲି, ୨୬।୮ (ଡି.ଏନ.ଏ.)**

- ବୀରମହାରାଜପୁର-ଅମରପାଲି ଯୋଗାଯୋଗ ବିଚ୍ଛିନ୍ନ
- ଭାଙ୍ଗିଲା ଶତାଧିକ ମାଟିଘର
- ଜଳମଗ୍ନ ହୋଇଛି ଚାଷଜମି

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ଅଞ୍ଚଳରେ ପ୍ରବାହିତ ସମସ୍ତ ନଦୀନାଳରେ ବନ୍ୟାଜଳ ପ୍ରବାହିତ ହେଉଛି । ବୀରମହାରାଜପୁର- ଅମରପାଲି ମୁଖ୍ୟରାସ୍ତାର ଭୁଡିଆପାଲି ନିକଟସ୍ଥ ଘୁଙ୍ଗିନାଳ ପୋଲ ଉପର ଦେଇ ୬ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି । ସେହିପରି ଖଣ୍ଡହତା-ମୁର୍ଷୁଣ୍ଡୀ ରାସ୍ତାର ଚୌକାଠାରେ ବାଇଗଣି ଯୋର ପୋଲ ଉପରେ ୫ ଫୁଟ ଉଚ୍ଚର ପାଣି ଚାଲିଛି । ଏଥିସହ ଖଣ୍ଡହତା- ସୁବଳୟା ରାସ୍ତାର ଟିକରାପଡା ନିକଟ ପୋଲ ଓ ଲୁତୁରପଙ୍କ- ଘଣ୍ଟୋପାଲି ରାସ୍ତା ମଝିରେ ଥିବା ଘୁଙ୍ଗିପୋଲ ଉପର ଦେଇ ବନ୍ୟାଜଳ ପ୍ରବାହିତ ହେଉଛି । ଫଳରେ ବୀରମହାରାଜପୁର-ଅମରପାଲି ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ବ୍ଲକର ୬ ପଞ୍ଚାୟତର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗ୍ରାମ ସମେତ ପଡୋଶୀ ରେଢ଼ାଖୋଲ ବ୍ଲକର ରେଙ୍ଗାଲି, ବଡମାଲ, ଭାଲିଆକଟା ଓ ଗରଗଡବାହାଲ ଆଦି ପଞ୍ଚାୟତର ଲୋକଙ୍କ ଯାତାୟତ ବାଧାପ୍ରାପ୍ତ ହୋଇଛି । ଏହାଛଡା ଉପଖଣ୍ଡର ଅନେକ ଗ୍ରାମରେ ଶତାଧିକ ମାଟି ଘର ଭାଙ୍ଗି ଯାଇଛି । ଅନେକ ପରିବାର ଅସହାୟ ହୋଇ ପଡିଛନ୍ତି । ଲୁତୁରପଙ୍କ ଓ ପିତାମହୁଲ ପଞ୍ଚାୟତର ବୁରୋମାଲ ଗାଁ ମଝିରେ ବର୍ଷା ଜଳ ପ୍ରବାହିତ ହେଉଛି । ଜବରଦଖଲ ଯୋଗୁ ବୁରୋମାଲ ଗ୍ରାମର ବର୍ଷାଜଳ ଠିକରେ ନିଷ୍କାସନ ହୋଇ ନ ପାରି ଲୋକଙ୍କ ଘରକୁ ପଶି ଯାଇଥିବା ଅଭିଯୋଗ ହୋଇଛି । ଅନେକ ସ୍ଥାନରେ ଚାଷ ଜମି ଜଳମଗ୍ନ ହୋଇରହିଛି । ଠେଙ୍ଗୋ ଡ୍ୟାମରୁ ୨ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି । ବର୍ଷାଜନିତ କ୍ଷୟକ୍ଷତିର ଆକଳନ କରାଯିବ ବୋଲି କେଞ୍ଜିରିଆପାଲି ଆରଆଇ ରାଜେନ୍ଦ୍ର ମିଶ୍ର ପ୍ରକାଶ କରିଛନ୍ତି ।

## ମହାନଦୀ, ବାଘ, ତେଲ ନଦୀ ବଢୁଛି

**ବୌଦ୍ଧ, ୨୬।୮ (ସ୍ୱ.ପ୍ର.)**

ବୌଦ୍ଧ ସହର ଦେଇ ପ୍ରବାହିତ ମହାନଦୀ ଓ ଜିଲାର ସାଲଙ୍କୀ, ବାଘ ଓ ତେଲ ନଦୀରେ ଜଳସ୍ତର ବଢିବାରେ ଲାଗିଛି । ସେହିପରି ବର୍ଷାଜଳ ନିଷ୍କାସନ ହୋଇ ନ ପାରିବା କାରଣରୁ ସହରର ଖଲିଆବଗିଚା, ଖଡିଆଳ କଲୋନୀ, ଇରିଗେସନ କଲୋନୀ, ରାଜନପାଲି, ବଗିଚାସାହି ଓ ବାପୁଜୀନଗର ସମେତ ଅନେକ ତଳିଆ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ଲଘୁଚାପଜନିତ ବର୍ଷା ଯୋଗୁ ସହର ସମେତ ଜିଲାର ଗ୍ରାମଗୁଡିକ ଜଳମଗ୍ନ ହୋଇଛି । ଚାଷଜମି ପାଣିରେ ବୁଡି ରହିଛି, ଚାଳଘର ଭାଙ୍ଗିଛି। ଜଗନ୍ନାଥ ସଡକରେ ଅନେକ ସ୍ଥାନରେ ଯାତାୟତ ବାଧାପ୍ରାପ୍ତ ହୋଇଛି। ମହାନଦୀରେ ବନ୍ୟା ପାଣି ବଢୁଥିବା ଦେଖିବାକୁ ମିଳିଛି । ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ ବୌଦ୍ଧରେ ୨୦୮.୨ମିଲିମିଟର ବର୍ଷା ହୋଇଥିବା ବେଳେ କଣ୍ଟାମାଳ ବ୍ଲକରେ ୧୧୪.୮ ମି.ମି ଓ ହରଭଙ୍ଗା ବ୍ଲକରେ ୭୭.୦ ମି.ମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଜଳସ୍ତର ବଢୁଥିବାରୁ ଜଳସମ୍ପଦ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇ ମହାନଦୀର ଜଳପ୍ରବାହ ରେକର୍ଡ କରାଯାଉଛି। କଣ୍ଟ୍ରୋଲ ରୁମ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ମହାନଦୀରେ ୮୭.୭୦ ମିଟର ବିପଦ ସଙ୍କେତ ଥିବା ବେଳେ ବୁଧବାର ସନ୍ଧ୍ୟା ୫ଟା ସୁଦ୍ଧା ୮୬.୫୫ ମିଟର ଜଳସ୍ତର ରେକର୍ଡ କରାଯାଇଛି।

## ସଲେଭଟା-ଲଛିପୁର ଯୋଗାଯୋଗ ବିଚ୍ଛିନ୍ନ

**ଲୋଇସିଂହା, ୨୬।୮ (ଡି.ଏନ.ଏ.)**

### କୁଠୀଯୋର ବ୍ରିଜ ଉପରେ ୩ ଫୁଟ୍ ପାଣି

ମଙ୍ଗଳବାର ରାତିରୁ ତୁହାକୁ ତୁହା ବର୍ଷା ଲାଗି ରହିଛି। ଏଥିଯୋଗୁ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। କୁଠୀ ଜୋରରେ ପ୍ରବଳ ପାଣି ଆସିବାରେ ସାଲେଭଟାରୁ ଲଛିପୁରକୁ ସଂଯୋଗ କରୁଥିବା ଡୁଙ୍ଗୁରିପାଲି ଗାଁ ନିକଟ ବ୍ରିଜ ଉପରେ ୩ଫୁଟର ପାଣି ପ୍ରବାହିତ ହେଉଛି। ଫଳରେ ଏହି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହି ରାସ୍ତାର ଡୁଙ୍ଗରିପାଲି, କୁଟାସିଂହା, ବାଲପୁର, ତେନ୍ତୁଲିପାଲି ପ୍ରଭୃତି ୧୦ଟି ଗାଁର ଲୋକେ ଜଳବନ୍ଦୀରେ ରହିଛନ୍ତି। ହରଭଙ୍ଗା-ଡୁଙ୍ଗରିପାଲି ମଝିରେ ଥିବା କୁଠୀ ଜୋର ଉପରେ ଉଚ୍ଚ ପୋଲ ନିର୍ମାଣ ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ମଧ ପଦକ୍ଷେପ ନିଆ ନ ଯିବାରୁ ପ୍ରତିବର୍ଷ ଏହି ପରିସ୍ଥିତି ସୃଷ୍ଟି ହେଉଛି। ସାମାନ୍ୟ ବନ୍ୟାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଉଛି ।



ଡୁଙ୍ଗୁରିପାଲି ଗାଁ ନିକଟ କୁଠୀଯୋର ବ୍ରିଜ ଉପରେ ପାଣି ପ୍ରବାହିତ ହେଉଛି।

## ସିଂଆଯୋର ନାଳରେ ଭାସିଗଲା କାର୍

**ଲହୁଣୀପଡା, ୨୬।୮ (ଡି.ଏନ.ଏ.)**

- ଧୋଇଗଲା ଅସ୍ଥାୟୀ ପୋଲ
- ଅଟକି ରହିଛି ଶତାଧିକ ଯାନବାହାନ

ସୁନ୍ଦରଗଡ ଜିଲା କୋଇଡା ବ୍ଲକ ତୋଡା ନିକଟସ୍ଥ ୨୧୫ ନମ୍ବର ଜାତୀୟ ରାଜପଥର କାରୋ ନାଳ ଉପରେ ନିର୍ମିତ ଏକ ଅସ୍ଥାୟୀ ପୋଲ ମଙ୍ଗଳବାର ରାତିର ପ୍ରବଳ ବର୍ଷାରେ ଧୋଇ ହୋଇଯାଇଛି। ଫଳରେ ଉକ୍ତ ରାସ୍ତାରେ ଯାତାୟାତରେ ବାଧାପ୍ରାପ୍ତ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଟ୍ରକ ଅଟକି ରହିଛି। ଏପଟେ କଲାଟା-କୋଇଡା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିଭଳି କଲେଇପୋଷ-ବାହାଡାପୋଷି ରାଜ୍ୟ ରାଜପଥ ୧୦ (କ)ର ସିଂଆଯୋର ନାଳରେ ପ୍ରବଳ ବର୍ଷା ଯୋଗୁଁ ପୋଲ ଉପରେ ପ୍ରାୟ ୪ଫୁଟର ଜଳ ପ୍ରବାହିତ ହେଉଥିଲା । ମଙ୍ଗଳବାର ବିଳମ୍ବିତ ରାତ୍ରିରେ ରାଉରକେଲା ଛେଣ୍ଡ କଲୋନୀର ଦୁଇ ଜଣ ଯୁବକ ଏକ କାର ଯୋଗେ ଅନୁଗୋଳ ଯାଉଥିଲେ। କାରଟି ନାଳ ଉପରେ ପ୍ରବାହିତ ପାଣିର ସ୍ରୋତରେ ଭସାଇ ନେଇଥିଲା। ସୌଭାଗ୍ୟବଶତଃ କାରରେ ଥିବା ଦୁଇଜଣ ଯୁବକ ଚିନ୍ମୟ ଦାସ ଓ ହିମାଂଶୁ ଶେଖର ନାୟକ ଗାଡିର ଗେଟ ଖୋଲି ପାଖରେ ଥିବା ଏକ ଗଛ ଡାଳକୁ ଧରିନେଇ ଜୀବନ ବଞ୍ଚାଇଥିଲେ। ବଣେଇ ଅଗ୍ନିଶମ ବିଭାଗ କର୍ମଚାରୀ ବୁଧବାର ସକାଳେ ଗଛ ଡାଳ ଉପରେ ରହିଥିବା ଦୁଇ ଯୁବକକୁ ଉଦ୍ଧାର କରିଥିଲା।



କାରୋ ନାଳ ଉପରେ ନିର୍ମିତ ଅସ୍ଥାୟୀ ପୋଲ ଧୋଇ ହୋଇଯାଇଛି।

## ପ୍ରବଳ ବର୍ଷାରେ ସୁବର୍ଣ୍ଣପୁର ଜଳାବର୍ଣ୍ଣ

**ସୋନପୁର, ୨୬।୮ (ନି.ପ୍ର.)**

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ସୁବର୍ଣ୍ଣପୁର ଜିଲାରେ ପ୍ରବଳ ବର୍ଷା ହୋଇଛି । ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ୱାର୍ନିଂ ଜାରି ହୋଇଥିଲା । ମଙ୍ଗଳବାର ଓ ବୁଧବାର ତୁହାକୁତୁହା ଲଗାଣ ବର୍ଷା ଯୋଗୁ ଜିଲାରେ ସ୍ୱାଭାବିକ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି । ଲୋକେ ଘରୁ ପଦାକୁ ବାହାରି ପାରି ନାହାନ୍ତି । ତଳି ଅଞ୍ଚଳ ଗୁଡିକ ଜଳାବର୍ଣ୍ଣ ହୋଇପଡିଛି । ଧାନ କ୍ଷେତରେ ପାଣି ଭରି ହୋଇ ରହିଛି । କିଛି ସ୍ଥାନରେ ଧାନ ଓ ପନିପରିବା ଗଛ ପାଣିରେ ବୁଡିଯିବା ଯୋଗୁ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଜିଲା ସଦର ମହକୁମା ପଟାଭାଡି ୧୦ନଂ ୱାର୍ଡରେ ବର୍ଷା ଜଳ ଘରେ ପ୍ରବେଶ କରିଛି । ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଥିବା ବେଳେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଅଧାରେ ରହିଛି । ତେଣୁ ଡ୍ରେନ୍ ପାଣି ପଟାଭାଡିର ସୁଧୀର ପଣ୍ଡା, ରାମ ହୋତା, ନବୀନ ହୋତା, ଚମ୍ପା ମେହେର, ସୁବାସ ବଡମାଳି ଓ ଅଶୋକ ମେହେରଙ୍କ ଘରେ ପ୍ରବେଶ କରିଥିଲା । ଅଗ୍ନିଶମ ବିଭାଗ ପକ୍ଷରୁ ମୋଟର ଯୋଗେ ପାଣି ଉଠାଯିବା ପରେ ଜଳସ୍ତର ହ୍ରାସ ପାଇଛି । ପ୍ରେସ କଲୋନୀ ମଧ ଜଳାବର୍ଣ୍ଣ ଥିବା ଦେଖିବାକୁ ମିଳିଛି । ଟାଉନ ହଲ ଓ ବୁଢାରାଜା ପୀଠରେ ବର୍ଷାଜଳ ଜମି ରହିଛି । ବିନିକା ଗୁଲାପଡା ବ୍ରିଜ୍ ଉପରେ ମଧ ଆଣ୍ଠୁଏ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଛି ।

## ଚାଷୀଙ୍କୁ ମିଳିନି ଫସଲବୀମା କ୍ଷତିପୂରଣ

**ବରଗଡ଼ ଅଫିସ୍, ୨୬।୮**

ବରଗଡ଼ ଜିଲାରେ ଖରିଫ ଚାଷ ଜୋର୍ ଧରିଛି। ମାତ୍ର ଏପର୍ଯ୍ୟନ୍ତ ଏହି ଜିଲା ଅନ୍ତର୍ଗତ ବିଭିନ୍ନ ବ୍ଲକର ଚାଷୀଙ୍କୁ ଗତ ୨୦୧୯ ଖରିଫ ଫସଲକ୍ଷତିର ବୀମା କ୍ଷତିପୂରଣ ମିଳିପାରି ନାହିଁ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ମଙ୍ଗଳବାର ପାଇକମାଲ ବ୍ଲକ ଅନ୍ତର୍ଗତ ଲଖମରା ପଞ୍ଚାୟତ ରାଜବୋରାସମ୍ବର ଆଞ୍ଚଳିକ କୃଷକ ସଂଗଠନର ଚାଷୀମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ସେମାନେ ଉଲ୍ଲେଖିତ କରିଛନ୍ତି, ଗତ ୨୦୧୯ରେ ପାଇକମାଲ ବ୍ଲକ ଅନ୍ତର୍ଗତ ଲଖମରା, ବାଦିକଟା, ଭେଙ୍ଗରାଜପୁର ଅଞ୍ଚଳରେ ବ୍ୟାପକ ଫସଲକ୍ଷତି ହୋଇଥିଲା । କ୍ରପ କଟିଂ ଆଧାରରେ ଲଖମରାରେ ୫୩.୯୦, ବାଦିକଟାରେ ୭୧.୯୬ ଏବଂ ଭେଙ୍ଗରାଜପୁରରେ ୨୬.୨୫ ପ୍ରତିଶତ ଫସଲବୀମା ଦେବା ପାଇଁ ଘୋଷଣା କରାଯାଇଥିଲା । ମାତ୍ର ଏପଯର୍ୟନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ମିଳି ନଥିବା ଅଭିଯୋଗ ହୋଇଛି । ତେବେ ଆସନ୍ତା ୩୧ତାରିଖ ସୁଦ୍ଧା ସେମାନଙ୍କୁ ବୀମା କ୍ଷତିପୂରଣ ପ୍ରଦାନ କରା ନଗଲେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚାଷୀମାନେ ଜିଲାପାଳ ଅଫିସ ଆଗରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ରାଜବୋରାସମ୍ବର ଆଞ୍ଚଳିକ କୃଷକ ସଂଗଠନ, ଲଖମରା ପଞ୍ଚାୟତ ଶାଖାର ଚାଷୀ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।



ଅତିରିକ୍ତ ଜିଲାପାଳଙ୍କୁ ଚାଷୀ ପ୍ରତିନିଧିମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

## ଆଜି ମାଣିକେଶ୍ୱରୀଙ୍କୁ ଲାଗିହେବ ନବାନ୍ନ

**ଭବାନୀପାଟଣା, ୨୬।୮ (ଡି.ଏନ୍.ଏ.)**

ଆସନ୍ତା ୨୭ ତାରିଖ ଭାଦ୍ରବ ଶୁକ୍ଳପକ୍ଷ ଦଶମୀ ତିଥି ଗୁରୁବାର କଳାହାଣ୍ଡି ଜିଲାର ଇଷ୍ଟଦେବୀ ମାଣିକେଶ୍ୱରୀଙ୍କୁ ନବାନ୍ନ ଲାଗି କରାଯିବ । ସେଦିନ ସକାଳ ଘ.୯.୪୦ମି. ଗତେ ଘ.୯.୫୫ମି. ମଧ୍ୟେ ଇଷ୍ଟଦେବୀ ମାଁ ମାଣିକେଶ୍ୱରୀଙ୍କୁ ନବାନ୍ନ ଲାଗି ହେବ ବୋଲି ମହାରାଜା ଅନନ୍ତ ପ୍ରତାପ ଦେଓ ଘୋଷଣା କରିଛନ୍ତି । ଏଥିପାଇଁ ଦେବୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହେବ ଓ ନୂଆଁଲାଗି କରାଯିବ । କରୋନା କଟକଣା ଯୋଗୁ ମନ୍ଦିରରେ ବିନା ଭକ୍ତରେ ପୂଜାର୍ଚ୍ଚନା କରାଯିବା ପାଇଁ ପ୍ରଶାସନ ଘୋଷଣା କରିଛି । ଏହି ଅବସରରେ ଭବାନୀପାଟଣା ସହର ସମେତ ମ.ରାମପୁର, ଲାଞ୍ଜିଗଡ଼, ଥୁ.ରାମପୁର ଏବଂ ଜୟପାଟଣା ସହରରେ ବସବାସ କରୁଥିବା ଲୋକମାନେ ନୂଆଁ ଖାଇବେ ବୋଲି ପ୍ରସ୍ତୁତି ଚଳାଇଛନ୍ତି । ସେଥିପାଇଁ ସହରର ବିଭିନ୍ନ ସ୍ଥାନରେ ନୂଆଁଧାନ, କୁରୋଇ ପତ୍ର ସହିତ ବିଭିନ୍ନ ପୂଜା ସାମଗ୍ରୀ ବିକ୍ରି ଚାଲିଛି । ଲୋକେ ଶୁଭମୂହୁର୍ତ୍ତକୁ ଅପେକ୍ଷା କରିଛନ୍ତି ।

## ପଜିଟିଭ ସଂଖ୍ୟା ୯ଶହ ଟପିଲା

**ଝାରସୁଗୁଡ଼ା ଅଫିସ, ୨୬।୮–** ଝାରସୁଗୁଡ଼ା ଜିଲାରେ ଗତ ୨୪ ଘଣ୍ଟାରେ ୯୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୩୯ରେ ପହଞ୍ଚିଛି । ସେମାନଙ୍କ ମଧ୍ୟରୁ ୫୫୫ଜଣ ସୁସ୍ଥ ହୋଇ ସାରିଥିବା ବେଳେ ୩୮୩ ଜଣ ଚିକିତ୍ସିତ ହେଉଛନ୍ତି । ଜଣଙ୍କ ମୃତ୍ୟୁ ଘଟିଛି ।

## ସାଇଟ୍ ଖୋଲୁନି, ଚାଷୀ ପଞ୍ଜୀକରଣ ବନ୍ଦ

**ସମ୍ବଲପୁର, ୨୬।୮ (ବ୍ୟୁରୋ)**

### ଆବେଦନର ଶେଷ ତାରିଖ ଅଗଷ୍ଟ ୩୧

ଖରିଫ ଋତୁ ଧାନ ବିକ୍ରି କରିବା ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି। ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଚାଷୀ ସମବାୟ ସମିତିରେ ଆବେଦନ କରି ପାରିବେ ବୋଲି ସରକାରଙ୍କ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଛି। ଅନ୍‌ଲାଇନରେ ପଞ୍ଜୀକରଣ କରିବା ପାଇଁ ସମବାୟ ସମିତିକୁ ସେପ୍ଟେମ୍ବର ୫ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ହେଲେ ଏବେ ୩ ଦିନ ହେଲା ଚାଷୀ ପଞ୍ଜୀକରଣ ସାଇଟ୍ ଖୋଲୁନାହିଁ। ସରଭର ଡାଉନ୍ ରହୁଛି। ଏଣୁ ପଞ୍ଜୀକରଣ ବନ୍ଦ ହୋଇଯାଇଛି। ଏହାକୁ ନେଇ ସମବାୟ ସମିତି ଓ ଚାଷୀ ଚିନ୍ତାରେ ପଡିଯାଇଛନ୍ତି। ଯଦି ଏଭଳି ସମସ୍ୟା ଲାଗିରହେ ତେବେ ଚାଷୀ ନାଁ ପଞ୍ଜୀକରଣ କରି ପାରିବେ ନାହିଁ। ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ ବୋଲି କହିଛନ୍ତି । ଅନ୍ୟପଟେ ଅନୁରୂପ ଭାବେ ସମବାୟ ସମିତି ମଧ ଏଭଳି ଭୟ କରୁଛି। ଚାଷୀମାନେ ସମବାୟ ସମିତିରେ ପଞ୍ଜୀକରଣ ପାଇଁ ଆବେଦନ କରୁଛନ୍ତି। ବିଭିନ୍ନ ସମବାୟ ସମିତିରେ ହଜାର ସଂଖ୍ୟାରେ ଆବେଦନ ଫର୍ମ ପଡ଼ିଛି। ଆଉ କିଛି ଦିନ ବାକି ରହିଛି। ସରଭର ଡାଉନ ଯୋଗୁ ସମସ୍ୟା ହେଲେ ଶେଷରେ ଚାଷୀମାନେ ସମବାୟ ସମିତିକୁ ଦାୟୀ କରିବେ ବୋଲି କେତେକ କର୍ମଚାରୀ କହିଛନ୍ତି। ହେଲେ ଚଳିତ ବର୍ଷ ଜିଲାରେ ଚାଷୀ ପଞ୍ଜୀକରଣ ହାର ୯୧ ପ୍ରତିଶତ ହୋଇଥିବା ଡିଆରସିଏସ ଲିଙ୍ଗରାଜ ନାୟକ କହିଛନ୍ତି । ସେ କହିଛନ୍ତି ଯେ, ସରଭରରେ ସମସ୍ୟା ହୋଇଥିବା ତାଙ୍କ ପାଖରେ ମଧ ଅଭିଯୋଗ ହୋଇଛି। ଏ ନେଇ ସରକାରୀସ୍ତରରେ କିଭଳି ସମସ୍ୟା ସମାଧାନ ହେବ ସେ ଜିଲାପାଳ ଓ ଉଚ୍ଚ ଅଧିକାରୀଙ୍କୁ ଜଣାଇ ଦେଇଛନ୍ତି। ୨ ଦିନ ଭିତରେ ଏହା ସମାଧାନ ହୋଇଯିବ। ତେବେ ମିଳିଥିବା ରିପୋର୍ଟ ଅନୁସାରେ ଗତବର୍ଷ ତୁଳନାରେ ଚଳିତ ଖରିଫ ଋତୁରେ ଚାଷୀ ପଞ୍ଜୀକରଣ ସଂଖ୍ୟା ବୃଦ୍ଧି ପାଇବ। ଜିଲାରେ ମୋଟ ୫୩ଟି ପ୍ୟାକ୍ସ ଓ ଲ୍ୟାମ୍ପସରେ ପଞ୍ଜୀକରଣ କରାଯାଉଛି । ଚାଷୀମାନେ ଜମି, ବ୍ୟାଙ୍କ ପାସ୍ ବହି ଓ ପରିଚୟପତ୍ର ଦେଇ ଆବେଦନ କରୁଛନ୍ତି। ଏ ପର୍ଯ୍ୟନ୍ତ ୪୦,୯୬୦ ଜଣ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇଛି। ସେମାନଙ୍କ ମଧ୍ୟରୁ ୩୫,୭୫୭ ଜଣ ପୁନଃ ପଞ୍ଜୀକରଣ କରିଛନ୍ତି। ୫୨୦୩ ନୂଆ ଚାଷୀ ପଞ୍ଜୀକରଣ କରିଛନ୍ତି। କେତେକ ଚାଷୀ ଗତ ଖରିଫରେ ପଞ୍ଜୀକରଣ କରିବାରୁ ବାଦ୍ ପଡିଥିଲେ। ପରିବାର ସଦସ୍ୟଙ୍କ ମଧ୍ୟରେ ଜମି ଭାଗ ହୋଇଯାଇଛି। ତେଣୁ ସଂଖ୍ୟା ବୃଦ୍ଧି ପାଇଥିବା ସମବାୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଏବେ ଚାଷ ସମୟ। ଚାଷୀ ବିଲରେ କାମ କରିବ। ଫସଲର ଯତ୍ନ ନେବ। ହେଲେ ସରକାରୀ ନିୟମ ଯୋଗୁ ଏବେ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିବାକୁ ସମବାୟ ସମିତିକୁ ଆସିବାକୁ ପଡୁଛି। ତେଣୁ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

## ଧୋଇଗଲା ଦଣ୍ଡାପୋଲ, ୨ ଗାଁ ଜଳବନ୍ଦୀ

ଜହ୍ନାପଙ୍କ (ଡି.ଏନ.ଏ): ଲଗାଣ ବର୍ଷାରେ ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ ଏବଂ ଏହାର ଆଖପାଖ ଅଞ୍ଚଳର ବହୁ ଚାଷଜମି ଜଳମଗ୍ନ ହୋଇଛି। ଏହା ସହିତ ଜାତୀୟ ରାଜପଥ ୫୭ର ଖୁଣ୍ଟବନ୍ଧ ଛକରୁ ଚଣ୍ଡିଗଡ ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକର ଶରଧାପୁର-ଚଣ୍ଡିଗଡ ମଝିରେ ଥିବା ଦଣ୍ଡାପୋଲ ବର୍ଷା ଜଳରେ ଧୋଇଯାଇଛି। ଫଳରେ ଚଣ୍ଡିଗଡ ଓ ଜଗନ୍ନାଥପୁର ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି।

## ସଂକ୍ଷେପରେ

### ଆଖିବୁଜିଲେ କରୋନା ଆକ୍ରାନ୍ତ ହୋମ୍‌ଗାର୍ଡ

ନୂଆପଡ଼ା ଅଫିସ/ଖଡିଆଳ, ୨୬।୮ (ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ଥାନାର ଜଣେ ଗୃହରକ୍ଷୀଙ୍କ କରୋନାରେ ମୃତ୍ୟୁ ଘଟିଛି। ତାଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଭୁବନେଶ୍ୱରରେ ଶେଷ ବିଦାୟ ଦିଆଯାଇଛି। ନିଜେ ନୂଆପଡା ଏସ୍‌ପି ରାହୁଲ ଜୈନ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଖଡିଆଳ ଏନ୍‌ଏସିର ୫ ନଂ. ୱାର୍ଡ ସାହୁପଡାରେ ତାଙ୍କ ଘର। ଗତ ୧୭ ତାରିଖ ସେ ଜିଲା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର କିମ୍ସ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

### ଦିନକରେ ୧୦୭ ପଜିଟିଭ, ଜେଲରେ ୧୭ ଚିହ୍ନଟ

ସମ୍ବଲପୁର,୨୬।୮(ବ୍ୟୁରୋ): ସମ୍ବଲପୁର ଜିଲାରେ କରୋନା ସଂକ୍ରମଣ ସ୍ଥିତି ଅଣାୟତ୍ତ ହୋଇଛି। ବୁଧବାର ପୁଣି ୧୦୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସମ୍ବଲପୁର ଜେଲର ୧୭ ଜଣ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୨୭୦ରେ ପହଞ୍ଚିଛି । ସେମାନଙ୍କ ମଧ୍ୟରୁ ୧୪୭୦ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭୮୪ ଜଣ ଚିକିତ୍ସିତ ହେଉଛନ୍ତି।

### ଲାଠୋର ପଞ୍ଚାୟତ ଦୁଇଦିନ ଶଟ୍‌ଡାଉନ

ଲାଠୋର, ୨୬।୮(ଡି.ଏନ.ଏ.): କରୋନା ସଂକ୍ରମଣ ବଢି ଚାଲିଥିବାରୁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତକୁ ଆଗାମୀ ୨୭, ୨୮ ଦୁଇଦିନ ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି ସରପଞ୍ଚ ପ୍ରବୀଣ ଅଗ୍ରୱାଲ। ଏହି ଦୁଇଦିନ ସକାଳ ୮ଟାରୁ ରାତ୍ର ୮ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ, ବଜାର ବନ୍ଦ ରହିବ। କେବଳ ଔଷଧ ଦୋକାନ ଏବଂ ଡାକ୍ତରଖାନା ଖୋଲାରହିବ। ଜରୁରୀ କାମ ନ ଥାଇ ଘରୁ ବାହାରିଲେ କୋଭିଡ୍ ନିୟମ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ସତର୍କ କରିଦିଆଯାଇଛି।

### ପ୍ରଧାନଶିକ୍ଷକଙ୍କ ପରଲୋକ



ଜୁନାଗଡ଼,୨୬।୮(ଡି.ଏନ୍.ଏ.):କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବକ୍ସି ତୁଲସୀପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନଞ୍ଜୟ ପାଢୀ(୫୪)ଙ୍କ ବୁଧବାର ପରଲୋକ ହୋଇଯାଇଛି। ଗତ କିଛି ମାସ ହେଲା ସେ ମେରୁଦଣ୍ଡ ଓ ଯକୃତ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ଏହି ଖବର ଜଣାପଡିବା ପରେ ଜୁନାଗଡ଼ ବ୍ଲକ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି।

# ବାହାରେ ମିଳୁଛି, ଲ୍ୟାମ୍ପ୍ସରେ ନାହିଁ

ନୂଆଗାଁ, ୨୬।୮ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକରେ ୟୁରିଆ ସାରର କଳାବଜାର ହେଉଛି। ବାହାର ଦୋକାନରେ ଏହା ଚଢା ଦରରେ ମିଳୁଛି। ହେଲେ ଲ୍ୟାମ୍ପ୍ସରେ ମିଳୁ ନାହିଁ। ଏଣୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢିବା ସହ ଉତ୍ତେଜନା ଦେଖାଦେଇଛି। ଏହି ବ୍ଲକରେ ୭୦ରୁ ୮୦ ଭାଗ ଲୋକଙ୍କ ଚାଷ ହିଁ ଏକମାତ୍ର ବିକଳ୍ପ। ୨୦ଟି ପଞ୍ଚାୟତକୁ ନେଇ ଗଠିତ ଉକ୍ତ ବ୍ଲକ୍‌ରେ କୌଣସି କଳକାରଖାନା କିମ୍ବା ଖଣି ଖାଦାନ ନାହିଁ । ଚାଷରୁ ଚାଷୀ ଏଠି ନିଜ ପରିବାରର ସମସ୍ତ ଖର୍ଚ୍ଚ ବହନ କରିଥାଏ । ପିଲାଙ୍କ ପାଠପଢ଼ାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଘରର ଯାବତୀୟ ଖର୍ଚ୍ଚ ଚାଷ କାର୍ଯ୍ୟରୁ ହିଁ ତୁଲାଇଥାନ୍ତି। ବିଭାଗୀୟ ଅଧିକାରୀଙ୍କ ସୂଚନା ମୁତାବକ ନୂଆଗାଁ ବ୍ଲକରେ ମୋଟ ୨ଟି ଲ୍ୟାମ୍ପ୍ସ ରହିଛି। ଗୋଟିଏ ନୂଆଗାଁରେ ଓ ଅନ୍ୟଟି ହାତୀବାରିରେ। ହାତୀବାରି ଲ୍ୟାମ୍ପ୍ସ ଅଧୀନରେ ସୋରଡା ଲ୍ୟାମ୍ପ୍ସ ଶାଖା ରହିଛି। ନୂଆଗାଁ ଲ୍ୟାମ୍ପ୍ସରେ ୧୧ ହଜାର ସଦସ୍ୟ ରହିଥିବା ବେଳେ ପ୍ରାୟ ୩ ହଜାର ଋଣୀ ଚାଷୀ ଅଛନ୍ତି । ମୋଟ ୫୩ଟି ଗାଁକୁ ନେଇ ଏହି ଲ୍ୟାମ୍ପ୍ସଟି ରହିଛି। ସେହିଭଳି ହାତୀବାରି ଲ୍ୟାମ୍ପ୍ସରେ ମୋଟ ୬୫ଟି ଗ୍ରାମର ୮୦୦୦ ସଦସ୍ୟ ଥିବା ବେଳେ ପ୍ରାୟ ୫ ହଜାର ଋଣୀ ଚାଷୀ ଅଛନ୍ତି । ୧୪ଟି ପଞ୍ଚାୟତର ଚାଷୀ ଏହି ଲ୍ୟାମ୍ପ୍ସ ଉପରେ ନିର୍ଭରଶୀଳ। ସେହିଭଳି ସୋରଡା ଶାଖା ଅଧୀନରେ ୮ ହଜାର ସଦସ୍ୟ ଥିବା ବେଳେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଋଣୀ ଚାଷୀ ଅଛନ୍ତି । ଏହି ଶାଖା ଅଧୀନରେ ମଧ୍ୟ ୨୫ଟି ଗ୍ରାମ ରହିଛି। ତେବେ ଏତେବଡ ବ୍ଲକ୍ ପାଇଁ ମାତ୍ର ୧୬୨୦ ବସ୍ତା ୟୁରିଆ ସାର ଆସିଛି। ନୂଆଗାଁ ଲ୍ୟାମ୍ପ୍ସକୁ ମାତ୍ର ୫୬୦ ବସ୍ତା ୟୁରିଆ ସାର ଆସିଥିବା ବେଳେ ହାତୀବାରି ଲ୍ୟାମ୍ପ୍ସକୁ ୫୦୦ ବସ୍ତା ଓ ସୋରଡା ବ୍ରାଞ୍ଚକୁ ୫୬୦ ବସ୍ତା ୟୁରିଆ ସାର ଆସିଥିଲା । ଏହି ସାର ଋଣୀ ଚାଷୀମାନଙ୍କୁ ଦିଆଯିବା ଆରମ୍ଭ ହେବାକ୍ଷଣି ହୋହଲ୍ଲା ଆରମ୍ଭ ହୋଇଥିଲା । ହୋହଲ୍ଲା ଓ ଚାପା ଉତ୍ତେଜନା ମଧ୍ୟରେ କିଛି ଚାଷୀ ଅବଶ୍ୟ ସାର ପାଇଥିଲେ। ହେଲେ ଏବେ ବି ଶହ ଶହ ଚାଷୀ ସାର ପାଇ ପାରିନାହାନ୍ତି । ଅନ୍ୟପଟେ ନୂଆଗାଁ, ହାତୀବାରି, ସୋରଡା, ଖୁଣ୍ଟଗାଁ ଆଦି ଗ୍ରାମରେ ବିଭିନ୍ନ ଦୋକାନରେ ବେଆଇନ ଭାବେ ଚଢ଼ା ଦରରେ ୟୁରିଆ ସାର ବିକ୍ରି ହେଉଛି । ଲ୍ୟାମ୍ପ୍ସଗୁଡିକରେ ଅଭାବ ଯୋଗୁ ଏହାର ଫାଇଦା ଉଠାଇ ବ୍ୟବସାୟୀ ଲାଭାନ୍ୱିତ ହେଉଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ସହ ସଲାସୁତୁରା କରି ୟୁରିଆ ସାରକୁ ବସ୍ତା ପିଛା ୩୫୦ରୁ ୪୫୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି। ଲ୍ୟାମ୍ପ୍ସଗୁଡିକରେ ବସ୍ତା ପିଛା ୨୮୦ ଟଙ୍କା ଥିବା ବେଳେ ଚାଷୀ ଲ୍ୟାମ୍ପ୍ସରୁ ସାର ନ ପାଇ ବାଧ ହୋଇ ବାହାରୁ ଚଢ଼ା ଦରରେ କିଣୁଛି। ଏ ନେଇ ନୂଆଗାଁ ଓ ହାତୀବାରି ଲ୍ୟାମ୍ପ୍ସର ପ୍ରଶାସକ ରିଚାର୍ଡପିଟର୍ ବେକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଚାଷୀଙ୍କ ଆବଶ୍ୟକତା ଅନୁସାରେ ସାର ମଗା ଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆସିଲେ ଦିଆଯିବ। ବାହାର ବ୍ୟବସାୟୀ କିଭଳି ସାର ପାଉଛନ୍ତି ସେ ନେଇ ସେ ଜାଣିନାହାନ୍ତି। ତଥାପି ଏ ନେଇ ତଦନ୍ତ କରିବେ ବୋଲି ସେ କହିଛନ୍ତି। ଅନ୍ୟପଟରେ ବ୍ଲକର ଯୁବନେତା ପ୍ରକାଶ ସାହୁ, ସୁଲେମାନ କାଉଡିଆ ପ୍ରମୁଖ ଚାଷୀଙ୍କୁ ଶୀଘ୍ର ସାର ଯୋଗାଇ ଦେବା ସହ କଳାବଜାର ବନ୍ଦ କରିବାକୁ ଦାବି କରିଛନ୍ତି।

## କେନ୍ଦ୍ର, ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିର ପ୍ରତିବାଦ




ବିକ୍ଷୋଭରେ ସାମିଲ ହୋଇଥିବା ଆନ୍ଦୋଳନକାରୀ।

ରାଉରକେଲା,୨୬।୮(ଡି.ଏନ.ଏ)

ସିପିଆଇ (ଏମ୍) ପକ୍ଷରୁ ବୁଧବାର ରାଉରକେଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ପ୍ରଶାସନକୁ ୧୬ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଦିଆଯାଇଛି । ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏହି ବିକ୍ଷୋଭ କରାଯାଇଥିଲା। କେନ୍ଦ୍ର ସରକାର କରୋନା ମହାମାରୀକୁ ମୁକାବିଲା କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ସେହିଭଳି କେନ୍ଦ୍ର ସରକାରଙ୍କ ସମସ୍ତ ଜନବିରୋଧୀ ନିଷ୍ପତ୍ତିକୁ ରାଜ୍ୟ ସରକାର ସମର୍ଥନ ଦେଉଛନ୍ତି ବୋଲି ଅଭିଯୋଗ କରାଯାଇଛି। ଟିମନ ମାଇତି, ଶ୍ରୀମନ୍ତ ବେହେରା, ରାଜକିଶୋର ପ୍ରଧାନ, ଅଜୟ ଶର୍ମା, ବସନ୍ତ ନାୟକ, ଯଯାତିକେଶରୀ ସାହୁ, ବିଶ୍ୱଜିତ ମାଝି, ଭଗବାନ କୁଣ୍ଟୁ, ନୃସିଂହ ନାରାୟଣ ପାଣିଗ୍ରାହୀ, ଅକ୍ଷୟ ମହାନ୍ତ, ପ୍ରଭାତ ମହାନ୍ତି, କବି ପ୍ରଧାନ, ଲକ୍ଷ୍ମୀଧର ନାୟକ, ଅନାଦି ସାହୁ, ଅରୁଣ ମହାରଣା, ଶୁଭ୍ରା ମୁଖାର୍ଜୀ, ଜୟନ୍ତୀ ନାୟକ, ଅଞ୍ଜଳି ଘୋଷ, ପ୍ରମୋଦ ପରିଡା, ଲକ୍ଷ୍ମୀ ମୁଣ୍ଡା, ଶକୁନ୍ତଳା ଟୁଡୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ବରଗଡ଼ରେ ୯୮ ନୂଆ କରୋନା ପଜିଟିଭ୍

ବରଗଡ଼ ଅଫିସ୍,୨୬।୮

ବରଗଡ଼ ଜିଲାରେ ବୁଧବାର ୯୮ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବରଗଡ଼ ପୌରାଞ୍ଚଳରେ ସର୍ବାଧିକ ୬୧ଜଣ ରହିଛନ୍ତି। ସେହିପରି ବରଗଡ଼ ବ୍ଲକରେ ୧୩, ବରପାଲି ବ୍ଲକରେ ୮, ସୋହେଲା ବ୍ଲକରେ ୫, ବରପାଲି ଏନଏସିରେ ୧୦ ଏବଂ ପଦ୍ମପୁର ଏନଏସିରେ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ କରୋନା ଯୋଦ୍ଧା ହୋଇଥିବାବେଳେ ଅନ୍ୟ ସମସ୍ତେ ସ୍ଥାୟୀ ଆକ୍ରାନ୍ତ। ଏହାପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୪୮୯ରେ ପହଞ୍ଚିଛି । ସେମାନଙ୍କ ମଧ୍ୟରୁ ୫ଜଣଙ୍କର ମୃତ୍ୟୁହୋଇ ଥିବାବେଳେ ୮୫୭ଜଣ ସୁସ୍ଥ ହୋଇଛନ୍ତି। ଅନ୍ୟ ୬୨୭ଜଣ ସକ୍ରିୟ ରହି ବିଭିନ୍ନ କୋଭିଡ୍ ହସ୍ପିଟାଲ ଏବଂ ହୋମ୍ ଆଇସୋଲେଶନରେ ଚିକିତ୍ସାଧୀନ ଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି ।

# ଅଭିଯୁକ୍ତଙ୍କୁ ଗିରଫ ଦାବି କଲେ ପରିବାର ଲୋକେ



ଅଭିଯୁକ୍ତଙ୍କ ଗିରଫ ଦାବି କରି ଏସ୍‌ପି ଅଫିସକୁ ଫେରାଦ ହେବାକୁ ଆସିଥିବା ମୃତକଙ୍କ ପରିବାର ସଦସ୍ୟ ଓ ଅନ୍ୟମାନେ।

**ଲେମ୍ବୁ ସାହୁ ହତ୍ୟା ଘଟଣା**

ବଲାଙ୍ଗୀର ଅଫିସ, ୨୬।୮

ବଲାଙ୍ଗୀର ଜିଲା ସଇଁତଲା ଥାନା ତଥା ଭଦ୍ରା ପଞ୍ଚାୟତ ନୂଆପଡା ଗ୍ରାମର ଲେମ୍ବୁ ସାହୁ (୨୫)ଙ୍କ ହତ୍ୟା ଘଟଣାକୁ ଇତିମଧ୍ୟରେ ୨୫ ଦିନ ବିତିଯାଇଛି। ହେଲେ ଏହି ଘଟଣାରେ ପୋଲିସ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ଅଭିଯୁକ୍ତମାନେ ଖୋଲାଖୋଲି ବୁଲୁଥିଲେ ମଧ୍ୟ ସ୍ଥାନୀୟ ପୋଲିସ ସେମାନଙ୍କୁ ଗିରଫ କରୁ ନ ଥିବା ନେଇ ପରିବାର ଲୋକେ ବୁଧବାର ବଲାଙ୍ଗୀର ଆସି ଏସ୍‌ପି ଅଫିସରେ ଅଭିଯୋଗ କରିଛନ୍ତି । ହତ୍ୟା ମାମଲାର ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫକରିବାକୁସେମାନେଦାବିକରିଛନ୍ତି।

ଗତ ୧ ତାରିଖ ଦିନ ଲେମ୍ବୁ ସାହୁ ଏକ ବାଇକରେ ଘୁନସର ଗ୍ରାମକୁ ଫସଲ ବୀମା କରିବା ପାଇଁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଲେମ୍ବୁ ଘରକୁ ନ ଫେରିବାରୁ ପରିବାର ଲୋକେ ଶନିବାର ସକାଳୁ ଖୋଜାଖୋଜି କରିଥିଲେ। ଘୁନସର ଯୁକ୍ତତିନି କଲେଜ ପାଖ ମୁଖ୍ୟ ରାସ୍ତାରେ ରକ୍ତଛିଟା ପଡ଼ିଥିବା ଓ ନିକଟସ୍ଥ ନର୍ସରୀରେ ତାଙ୍କ ବାଇକ(ଓଡ଼ି୦୩ କେ –୧୯୦୨) ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ଟିଟିଲାଗଡ଼ ଏସଡ଼ିପିଓ ସୁରେନ୍ଦ୍ରନାଥ ଶତପଥୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସଇଁତଲା ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସାଇଣ୍ଟିଫିକ୍ ଟିମ ଓ ଡଗ୍ ସ୍କ୍ୱାଡ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ୨ ତାରିଖ ଦିନ ଘୁନସର ଯୁକ୍ତଦୁଇ କଲେଜ ପଛପଟ ଏକ କ୍ଷେତରୁ ଲେମ୍ବୁ ସାହୁଙ୍କ ମୃତଦେହ ମିଳିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୨୧୯/୨୦) ରୁଜୁ କରିଥିଲା । ଏହି ଘଟଣାକୁ ଇତିମଧ୍ୟରେ ୨୫ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ । କେତେକ ଲୋକଙ୍କୁ ପୋଲିସ ଥାନାକୁ ଡାକି ପଚରାଉଚରା କରିଥିଲା । ମାତ୍ର କାହାରିକୁ ଗିରଫ କରାଯାଇନାହିଁ । ଏହି ମାମଲାରେ ପୋଲିସ ତଦନ୍ତରେ ଶିଥିଳତାକୁ ନେଇ ଜିଲା ପରିଷଦ ସଦସ୍ୟ ତଥା ଆଦିବାସୀ ନେତା ସତ୍ୟ ଭୋଇଙ୍କ ସହ ରାଘବ ସାହୁ ଓ ଅନ୍ୟମାନେ ଏସପି ଅଫିସକୁ ଆସି ଦାବିପତ୍ର ଦେଇଛନ୍ତି ।

## ଜଙ୍ଗଲ ଜମି ଦଖଲକୁ ନେଇ ଉତ୍ତେଜନା

- ଅନୁପ୍ରବେଶକାରୀ, ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଂଘର୍ଷ
- ଉଭୟ ପକ୍ଷରୁ ୬ ଆହତ

ସମ୍ବଲପୁର, ୨୬।୮ (ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ମେଘପାଲ ପଞ୍ଚାୟତ ଦଳଦଳି ଗାଁ ନିକଟରେ ମଙ୍ଗଳବାର ଅଞ୍ଚଳବାସୀ ଓ ଅନୁପ୍ରବେଶକାରୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଛି। ରାଜ୍ୟ ବାହାରୁ ଆସିଥିବା ଅନୁପ୍ରବେଶକାରୀ ଜଙ୍ଗଲ ଜମି ଦଖଲ କରିବା ସହ ଗଛ କାଟିବାକୁ ସ୍ଥାନୀୟ ଲୋକ ବିରୋଧ କରିବାରୁ ଗୋଷ୍ଠୀ ସଂଘର୍ଷ ହୋଇଛି। ମାରପିଟ୍ ଯୋଗୁ ଉଭୟ ପକ୍ଷର ୬ଜଣ ଆହତ ହୋଇଛନ୍ତି। ବୁଧବାର ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା, ରେଢ଼ାଖୋଲ ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ, ଯୁଯୁମୁରା ଓ କିସିଣ୍ଡା ଥାନା ପୋଲିସ ପହଞ୍ଚି ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଛନ୍ତି। ହେଲେ ଉଭୟ ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇ ନ ଥିବା ଏସଡିପିଓ କହିଛନ୍ତି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ ରାଜ୍ୟ ବାହାରୁ ଅନୁପ୍ରବେଶକାରୀମାନେ ପଡିଆବାହାଲ ରେଞ୍ଜ ଓ ଗିରିଶ୍ଚନ୍ଦ୍ରପୁର ରେଞ୍ଜ ସୀମାବର୍ତ୍ତୀ ଅଞ୍ଚଳରେ ଗଛ କାଟି ପଦା କରୁଛନ୍ତି। ଏହାସହ ଧୀରେ ଧୀରେ ସେମାନେ ସେଠାରେ ବସବାସ କରୁଛନ୍ତି। ଏହାକୁ ନେଇ ଉକ୍ତ ଜଙ୍ଗଲ ଉପରେ ନିର୍ଭର କରୁଥିବା ସ୍ଥାନୀୟ ଅଞ୍ଚଳର ଲୋକମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ବାରମ୍ବାର ଏ ନେଇ ବନ ବିଭାଗକୁ ଅଭିଯୋଗ କରିଛନ୍ତି। ଏହାସହ ରାସ୍ତାରୋକୋ ଓ ଅନଶନ ମଧ କରିଛନ୍ତି । ମଙ୍ଗଳବାର ପୁଣି ଅଞ୍ଚଳବାସୀ ଅନୁପ୍ରବେଶକାରୀଙ୍କୁ ହଟାଇବା ପାଇଁ ଏକ ବୈଠକ କରିଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଗଣ୍ଡଗୋଳ ହୋଇଥିଲା । ଶେଷରେ ମାରପିଟ ପର୍ଯ୍ୟନ୍ତ ଯାଇଥିଲା । କିଛି ଆହତଙ୍କୁ ରେଢ଼ାଖୋଲ ମେଡିକାଲରେ ଚିକିତ୍ସା କରାଯାଇଥିଲା।

# ବୈଷୟିକ କୁଶଳତା ସଫଳତାର ଚାବିକାଠି

**ପ୍ରତିଷ୍ଠା ଦିବସରେ ବିକାଶରେ ୱେବିନାର୍**

ବରଗଡ଼ ଅଫିସ୍,୨୬।୮

ବରଗଡ଼ର ବିକାଶ ଟେକ୍ନିକାଲ କ୍ୟାମ୍ପସ ଏବଂ ବିକାଶର ସମ୍ବଲପୁର ଶାଖାରେ ମଙ୍ଗଳବାର ଦାସରୀ ବୀର ରାଜୁ ଏବଂ ଗୁନ୍ତନମ ରାମଚନ୍ଦ୍ର ରାଓ ମେମୋରିଆଲ ଟ୍ରଷ୍ଟର ଚତୁର୍ଦ୍ଦଶ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନଲାଇନ୍ ପ୍ଲାଟଫର୍ମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଗୁଣାତ୍ମକ ଶିକ୍ଷାର ପ୍ରସାର ଏବଂ ଯୁବ ସମାଜର ଭବିଷ୍ୟତ ନିର୍ମାଣରେ ବିକାଶ ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରିଥିଲେ। ସମ୍ପ୍ରତି ସମାଜରେ ବୈଷୟିକ କୁଶଳତା ସହିତ ଲୋକ ବ୍ୟବହାର ଶୈଳୀ ହିଁ ସଫଳତାର ଚାବିକାଠି ବୋଲି ମୁଖ୍ୟ ଅତିଥି ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିକାଶର ବରଗଡ଼ ଏବଂ ସମ୍ବଲପୁର ଶାଖାରେ ସ୍ୱର୍ଗତ ବୀର ରାଜୁ ଏବଂ ସ୍ୱର୍ଗତ ଗୁନ୍ନମ ରାମଚନ୍ଦ୍ର ରାଓଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ବିକାଶ ସ୍କୁଲ ଅଫ ବିଜନେସ୍ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡ. କ୍ଷୀରୋଦ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ବିକାଶ ଗ୍ରୁପର ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଡାଇରେକ୍ଟର(ଏକାଡ଼େମିକ୍ସ) ଜି. ରାମକ୍ରୀଷ୍ଣା, ଡାଇରେକ୍ଟର (ଏଡ଼ମିନିଷ୍ଟ୍ରେଶନ) ଡି. ବିବେକ, ବିକାଶ ଆବାସିକ ସ୍କୁଲର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ବିକାଶ ଆଇନ କଲେଜର ଅଧ୍ୟକ୍ଷ ବିକ୍ରମ କୁମାର ଦାଶ, ବିକାଶ ଆବାସିକ ସ୍କୁଲର ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ ।

ସେହିପରି ସମ୍ବଲପୁର ଶାଖାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ, ବିକାଶ ଦ କନସେପ୍ଟ ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ଫାଟେଷ୍ଟେପ୍‌ର ଅଧ୍ୟକ୍ଷା ଭି. ଶୈଳଜା, ବିକାଶ ସମ୍ବଲପୁର (ଶାସନ) ଶାଖାର ଏକଡ଼େମିକ୍ ଅଫିସର ପୁଷ୍ପିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଚେୟାରମ୍ୟାନ କ୍ରୀଷ୍ଣା ସିବିଏସଇ, ସିଏଚ୍‌ଏସଇ ଏବଂ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ସଫଳ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିକାଶ ଡିଗ୍ରୀ କଲେଜ ଉପଧ୍ୟକ୍ଷ ଆରଏସଭି କ୍ରିଷ୍ଣା, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଏଡ଼ମିନିଷ୍ଟ୍ରେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ର ସଂଯୋଜନା କରିଥିଲେ। ଶେଷରେ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଅଜୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ହାତୀପଲ ଉଜାଡ଼ିଦେଲେ ଧାନଚାଷ

ଦେବଗଡ଼,୨୬।୮(ଡି.ଏନ୍.ଏ.)

ଦବଗଡ଼ ବନଖଣ୍ଡ ବାରକୋଟ ବନାଞ୍ଚଳ ତଥା ଠିଆନାଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ନେତ୍ରାବାହାଲ ଗ୍ରାମରେ ମଙ୍ଗଳବାର ରାତିରେ ହାତୀ ଉପଦ୍ରବ ଯୋଗୁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ଏହି ଗ୍ରାମରେ ମୋଟ ୯୦ ପରିବାର ବସବାସ କରନ୍ତି । ପ୍ରାୟ ୮୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରନ୍ତି । ରାତିରେ ନିକଟସ୍ଥ ପାହାଡ ଉପରୁ ହାତୀପଲ ନେତ୍ରାବାହାଲ ଗ୍ରାମରେ ପଶି ହାଡିବନ୍ଧୁ ମହାନ୍ତ, ଉଗ୍ରସେନ ରାଏ, ରାଧେଶ୍ୟାମ ମହାନ୍ତି, ଦୁଃଖୁ କାଲୋ ଓ କାଣ୍ଟେ କାଲୋଙ୍କ ସମେତ ବହୁ ଚାଷୀଙ୍କ ଧାନ ଫସଲ ନଷ୍ଟ କରିଛନ୍ତି । ପ୍ରାୟ ୩୦ ଏକର ଚାଷର ଫସଲ ହାତୀ ଉପଦ୍ରପ ଯୋଗୁ ନଷ୍ଟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଉକ୍ତ ହାତୀପଲ ରାତି ତମାମ ଉପଦ୍ରବ ଜାରି ରଖିଥିଲେ । ବୁଧବାର ସକାଳୁ ନିକଟସ୍ଥ ଜଙ୍ଗଲକୁ ଫେରି ଯାଇଥିଲେ । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି । ଗ୍ରାମର ଅଗ୍ରଗତି ଯୁବକ ସଂଘ ସଭାପତି ପୁରନ୍ଦର ରାୟ ଦେବଗଡ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରିଛନ୍ତି । ଠିଆନାଳ ଫରେଷ୍ଟର ଘନଶ୍ୟାମ ପାତ୍ର କହିଛନ୍ତି, ମଙ୍ଗଳବାର ରାତିରେ ହାତୀପଲ ନେତ୍ରାବାହାଲ ଗ୍ରାମର ବହୁ ଚାଷଜମିରେ ପଶି ଫସଲ ନଷ୍ଟ କରିଛନ୍ତି । ତେବେ ପ୍ରବଳ ବର୍ଷା ଯୋଗୁ କ୍ଷୟକ୍ଷତିର ଆକଳନ କରାଯାଇନାହିଁ । ବର୍ଷା କମିବା ପରେ କ୍ଷୟକ୍ଷତିର ଆକଳନ କରାଯାଇ ସରକାରୀ ନୀତି ନିୟମ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।



ହାତୀ ଉପଦ୍ରବ ଯୋଗୁ ନଷ୍ଟ ହୋଇଥିବା ଧାନ ଫସଲ।

# ପୋଲ ଉପରେ ଚାଲିଲା ପାଣି

**ଗୁଡଭେଲା କୋତକୋମୁହାନ ପୋଲ ଉପରେ ୪ ଫୁଟ୍ ପାଣି**

**ଆଗଲପୁର ଅଞ୍ଚଳରେ ଧାନ ନଷ୍ଟ, ଘରେ ପଶିଲା ପାଣି**

ବଲାଙ୍ଗୀର ଅଫିସ, ୨୬।୮

ବଲାଙ୍ଗୀର ଜିଲାରେ ଲଗାଣ ବର୍ଷାରେ ସ୍ୱାଭାବିକ ଜୀବନ ପ୍ରଭାବିତ ହୋଇଛି। ଗତ ଦୁଇଦିନ ମଧ୍ୟରେ ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଆଗଲପୁର ବ୍ଲକରେ ୧୪୮ମିଲିମିଟର, ବଲାଙ୍ଗୀରରେ ୭୧.୮, ପୁଇଁତଲାରେ ୮୨.୬, ଦେଓଗାଁରେ ୬୯, ଗୁଡଭେଲାରେ ୩୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବଲାଙ୍ଗୀର ସହରରେ ମଙ୍ଗଳବାର ଦିନ ଓ ରାତି ସାରା ବର୍ଷା ହେବା ଫଳରେ ବିଭିନ୍ନ ପଡାରେ ଲୋକଙ୍କ ଘରେ ପାଣି ପଶିଛି । ମାଳପଡାରେ ଡ୍ରେନ୍ ସଫା କରାଯାଉ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଲୋକଙ୍କ ଘରେ ବର୍ଷା ପାଣି ପଶି ଯାଉଛି । ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଭିତରୁ ମଧ ବର୍ଷା ପାଣି ଠିକ୍ ଭାବେ ନିଷ୍କାସିତ ହୋଇପାରୁ ନାହିଁ। ଏହା ସହିତ ବରପାଲିପଡା, ଡ୍ୟାମପଡା, ସତ୍ୟନାରାୟଣପଡାରେ ମଧ ଲଗାଣ ବର୍ଷା ଯୋଗୁଁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଜିଲାର ଆଗଲପୁର ଅଞ୍ଚଳରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି । ଉତାଲି ଯୋର ଉଛୁଳା ପାଣିରେ ରିନ୍‌ବଚନ ଗ୍ରାମର ଅନେକ ଚାଷୀଙ୍କ ଧାନକ୍ଷେତ ଜଳମଗ୍ନ ହୋଇଛି। ଗୁଡଭେଲା କୋତକୋମୁହାନ ପୋଲ ଉପରେ ୪ ଫୁଟ ପାଣି ପ୍ରବାହିତ ହେଉଛି । ଫଳରେ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି ।



ଗୁଡଭେଲା ନିକଟ କୋତକୋମୁହାନ ପୋଲ ଉପରେ ୪ ଫୁଟ୍ ଉଚ୍ଚର ପାଣି ପ୍ରବାହିତ ହେଉଛି।

